# NATIONAL NEWS BULLETIN (ODIA)
## 20th June - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ବିହାର, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ଆଦିବାସୀ ସମ୍ପ୍ରଦାୟଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି କେନ୍ଦ୍ର ସରକାର ।
- ଆଜିଠାରୁ ଆରମ୍ଭ ହେଉଛି କୈଳାସ ମାନସରୋବର ଯାତ୍ରା ।

— ପ୍ରଥମ ପର୍ଯ୍ୟାୟରେ ଯିବେ ୩୬ ଜଣ ତୀର୍ଥଯାତ୍ରୀ ।

ଏବଂ

- ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଜି ଲିଡ୍‌ସ୍‌ଠାରେ ଖେଳାଯିବ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ।

# ପି.ଏମ୍. - ଓଡ଼ିଶା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓ ଆସନ୍ତାକାଲି ବିହାର, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଗସ୍ତ କରିବେ। ସେ ଆଜି ବିହାରର ସିୱାନ ଗସ୍ତ କରିବେ ଏବଂ ମଧ୍ୟାହ୍ନ ପ୍ରାୟ ୧୨ଟାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ। ଏହି ଅବସରରେ ସେ ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ପରେ, ସେ ଓଡ଼ିଶା ଗସ୍ତ କରି ଅପରାହ୍ନରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ରାଜ୍ୟସ୍ତରୀୟ ସମାରୋହରେ ଅଧ୍ୟକ୍ଷତା କରିବେ। ଏକ ରିପୋର୍ଟ...

***Report P.M. Visit..........***

*ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ଆଜି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟର ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ୧୮ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏଥିରେ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଏବଂ ସେତୁ, ଜାତୀୟ ରାଜପଥ ଓ ନୂତନ ରେଳ ଲାଇନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି।*

ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ବୌଦ୍ଧ ଜିଲ୍ଲାକୁ ରେଳ ସଂଯୋଗୀକରଣ କରୁଥିବା ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ସ୍ୱଚ୍ଛ ଶକ୍ତି ଏବଂ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ସ୍ୱରୂପ ଆଧୁନିକ, ପରିବେଶ ଅନୁକୂଳ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ ବ୍ୟବସ୍ଥା ଅଧୀନରେ ୧୦୦ଟି ବୈଦ୍ୟୁତିକ ବସ୍'କୁ ପ୍ରଧାନମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ଯାହା ସମନ୍ୱିତ ଅଭିବୃଦ୍ଧି ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ରୋଡମ୍ୟାପ୍ ର ରୂପରେଖ ପ୍ରସ୍ତୁତ କରିବ।

ଶ୍ରୀ ମୋଦୀ ବିଶିଷ୍ଟ ଓଡ଼ିଆମାନଙ୍କ ଅବଦାନକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ପ୍ରଧାନମନ୍ତ୍ରୀ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ପଦକ୍ଷେପ ଆରମ୍ଭ କରିବେ। ଏହା ଯୋଜନା ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଐତିହ୍ୟକୁ ସମ୍ମାନିତ କରିବା ପାଇଁ ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ପ୍ରତିମୂର୍ତ୍ତି, ପାଠାଗାର ଏବଂ ସାର୍ବଜନୀନ ସ୍ଥାନ ମାଧ୍ୟମରେ ମହାପୁରୁଷଙ୍କ ଜନ୍ମସ୍ଥାନକୁ ଜୀବନ୍ତ ସ୍ମାରକୀରେ ପରିଣତ କରିବାର ଲକ୍ଷ୍ୟ ରଖିଛି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟରେ ସମୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାର ପ୍ରତୀକ ଭାବରେ ୧୬.୫୦ ଲକ୍ଷରୁ ଅଧିକ ଲକ୍ଷପତି ଦିଦିଙ୍କୁ ଉତ୍ସାହିତ କରିବା ସହିତ, ପ୍ରଧାନମନ୍ତ୍ରୀ ସମଗ୍ର ରାଜ୍ୟର ମହିଳା କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରିବେ।

**ଆକାଶବାଣୀ ସମାଚାର ପାଇଁ ମୁଁ ସରିତା ସାହୁ।**

ଆସନ୍ତାକାଲି ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ବିଶାଖାପାଟଣାରେ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ଉତ୍ସବରେ ଯୋଗଦେବେ । ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି **"ଏକ ପୃଥିବୀ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ"** ।

***Voice :...... (Yoga Zingle)***

## ଅଶ୍ୱିନୀ ବୈଷ୍ଣବ - ରୁଷ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରୁଷ୍ ଉପପ୍ରଧାନମନ୍ତ୍ରୀ ଆଲେକ୍ସି ଓଭରଚୁକ୍‌ଙ୍କ ସହ ଗତକାଲି ସାକ୍ଷାତ୍ ଆଲୋଚନା କରିଛନ୍ତି । ଆଲୋଚନାକାଳରେ ପରିବହନ, ଯୋଗାଯୋଗ, ଭିତ୍ତିଭୂମି ଏବଂ ଖଣିଜଦ୍ରବ୍ୟ ସମ୍ପର୍କରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଭାଗିଦାରିତା ଲାଗି ସମ୍ମତି ପ୍ରକାଶ କରିଛନ୍ତି । ମନ୍ତ୍ରୀ ଶ୍ରୀ

ବୈଷ୍ଣବ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇଥିବା ସେଣ୍ଟ୍ ପିଟର୍ସବର୍ଗ ଅନ୍ତର୍ଜାତୀୟ ଅର୍ଥନୈତିକ ସମ୍ମିଳନୀରେ ଯୋଗଦେବା ଲାଗି ରୁଷ୍ ଗସ୍ତ କରିଛନ୍ତି ।

## ଅମିତ୍ ଶାହା – ବେଙ୍ଗାଲୁରୁ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ସନ୍ଧ୍ୟାରେ ବେଙ୍ଗାଲୁରୁରେ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି । ଶ୍ରୀ ଶାହା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରୁପ୍ପା ଏବଂ ଦଳୀୟ କର୍ମୀମାନଙ୍କୁ ସାକ୍ଷାତ୍ କରିଛନ୍ତି । ଆଜି ଶ୍ରୀ ଶାହା ଆଦିଚୁଞ୍ଚାଗିରି ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ କ୍ୟାମ୍ପସକୁ ଉଦ୍‌ଘାଟନ କରିବେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଏହି କ୍ୟାମ୍ପସ୍ ଉଚ୍ଚଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ ।

ଶ୍ରୀ ଶାହା ଚଳିତ ୨୨ ଓ ୨୩ ତାରିଖରେ ଦୁଇଦିନିଆ ଛତିଶଗଡ଼ ଗସ୍ତରେ ଯାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବେ । ଛତିଶଗଡ଼ରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କଦ୍ୱାରା ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ବୈଠକରେ ଶ୍ରୀ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଜୁଏଲ୍ ଓରାମ୍

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି, ଆଦିବାସୀ ସମ୍ପ୍ରଦାୟର ବିକାଶ ନିମନ୍ତେ କେନ୍ଦ୍ର ସରକାର ଅଢ଼େଇ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି । ଆକାଶବାଣୀ ସମାଚାର ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ମନ୍ତ୍ରୀ ଶ୍ରୀ ଓରାମ୍ କହିଛନ୍ତି, ଆଦିବାସ ସମ୍ପ୍ରଦାୟର ବିକାଶପାଇଁ ବିଭିନ୍ନ ମନ୍ତ୍ରଣାଳୟଦ୍ୱାରା ଏହି ଅର୍ଥ ଖର୍ଚ୍ଚ କରାଯାଉଛି ।

ଦେଶରେ ଆଦିବାସୀ ସଂପ୍ରଦାୟର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଲାଗି ସରକାର ଉଦ୍ୟମ କରୁଛନ୍ତି । ତାଙ୍କ ମନ୍ତ୍ରଣାଳୟ ଗତ ୧୧ ବର୍ଷ ମଧ୍ୟରେ ଆଦିବାସୀ ସଂପ୍ରଦାୟ ପାଇଁ ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ମନ୍ତ୍ରଣାଳୟ ସ୍ୱତନ୍ତ୍ର ଯୋଜନାଗୁଡ଼ିକୁ ମଧ୍ୟ ଲାଗୁ କରିଛନ୍ତି । ସାକ୍ଷାତ୍‌କାର ସମୟରେ ମନ୍ତ୍ରୀ ଶ୍ରୀ ଜୁଏଲ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହିସବୁ ସ୍କୁଲ ସ୍ଥାପନ ହେବା ଫଳରେ ଏହା ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଲାଭାନ୍ୱିତ କରିଛି । ଆଦିବାସୀ ସମ୍ପ୍ରଦାୟରେ ରକ୍ତ ଶିକୁଳି ରୋଗ ଦୂର କରିବା ଲାଗି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଥିବା ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି ।

***Voice :...... (Juel Oram)***

## କୈଳାସ ମାନସରୋବର ଯାତ୍ରା

ଆଜିଠାରୁ ଆରମ୍ଭ ହେଉଥିବା କୈଳାଶ ମାନସରୋବର ଯାତ୍ରା ସୁଚାରୁରୂପେ ପରିଚାଳନା ନିମନ୍ତେ ସିକ୍କିମ୍ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରାଜ୍ୟପାଳ  ଓମ୍ ପ୍ରକାଶ ମାଥୁର୍ ନାଥୁଲା ପାସ୍ ଠାରେ ଆଜି ସକାଳ ୮ଟା ୪୫ ମିନିଟ୍‌ରେ  ଏହି ଯାତ୍ରାର ଶୁଭାରମ୍ଭ କରିବେ । ୩୬ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଯାତ୍ରା ଆରମ୍ଭ ହେବ ।

ସୂଚନା ଅନୁଯାୟୀ ପ୍ରତ୍ୟେକ ବ୍ୟାଚ୍‌କୁ ଏହି ଯାତ୍ରା ସମ୍ପନ୍ନ କରିବା ନିମନ୍ତେ ୧୦ରୁ ୧୧ ଦିନ ସମୟ ଲାଗିବ । ଚଳିତ ବର୍ଷ ସିକ୍କିମ୍‌ର ନାଥୁଲା ଠାରେ କୈଳାଶ ମାନସରୋବର ଯାତ୍ରା ପାଇଁ ସମୁଦାୟ ୧୦ଟି ବ୍ୟାଚ୍ ଯିବେ । ୫ ବର୍ଷ ପରେ ଏହି ଯାତ୍ରା ପୁନଃ ଆରମ୍ଭ ହୋଇଛି । ତୀର୍ଥଯାତ୍ରୀଙ୍କ ପାଇଁ ଉତ୍ତମ ଏବଂ କଷ୍ଟମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ନିମନ୍ତେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସଂସ୍ଥା ଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି ।

## ଯୋଗ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏକଦଶତମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ

ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିର ଅନୁଷ୍ଠିତ ହେବ । ବିଶାଖାପଟନମ୍ ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହାର ମୁଖ୍ୟ ଶିବିର ଆସନ୍ତା ୨୧ ତାରିଖ ଶନିବାର ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କେନ୍ଦ୍ର ସଂସ୍କୃତିକ ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ରାଜସ୍ଥାନର ଜୋଧପୁର ସ୍ଥିତ ଐତିହାସିକ ମେରାନଗଡ଼ ଦୁର୍ଗଠାରେ ହେବାକୁ ଥିବା ଯୋଗ କାର୍ଯ୍ୟକ୍ରମରେ ଯୋଗଦେବେ ।

ସେହିପରି ଆସାମର ଚାରାଇଦେଓ ମଇଦାନ, ଗୁଜରାଟର ରାନିକି ଭାବ୍ ଏବଂ ଧୋଲାଭିରା, କର୍ଣ୍ଣାଟକର ହାମ୍ପି ଓ ପାଟାଡାକାଲ୍, ମଧ୍ୟପ୍ରଦେଶର ଖଜୁରାହୋ ଓ ସାଞ୍ଚି ସ୍ତୁପ, ଓଡ଼ିଶାର କୋଣାର୍କ ମନ୍ଦିର, ମହାରାଷ୍ଟ୍ରର ଏଲିଫ୍ୟାଣ୍ଟସ୍ କେଭ୍ସ୍, ତାମିଲନାଡୁର ତାଞ୍ଜାଭୁର୍ ସ୍ଥିତ ବ୍ରିହାଦିସ୍ଭାରା ମନ୍ଦିର ଠାରେ ଯୋଗ ଶିବିରର ଆୟୋଜନ କରାଯିବ ।

## ଏମ୍.ଓ. ଆୟୁଷ୍

କେନ୍ଦ୍ର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଯୋଗ କେବଳ ଏକ ଦିନିକିଆ କାର୍ଯ୍ୟକ୍ରମ ନୁହେଁ, ଏହା ଆମର ପ୍ରତ୍ୟେକ ଦିନର ଜୀବନ ଶୈଳୀ ସହିତ ସମ୍ପର୍କିତ । ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ମନ୍ତ୍ରୀ ଶ୍ରୀ ଯାଦବ ଜନସାଧାରଣଙ୍କୁ ଯୋଗକୁ

ଆପଣାଇବା ସହିତ ସେମାନଙ୍କ ପରିବାରବର୍ଗଙ୍କୁ ମଧ୍ୟ ଯୋଗକୁ ଆପଣାଇବା ଲାଗି ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ କ୍ରିକେଟ୍ ସିରିଜ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଜି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍‌ସ୍‌ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଦଳରେ ରୋହିତ୍ ଶର୍ମା ଏବଂ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତରେ ଶୁଭ୍‌ମନ୍ ଗିଲ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ । ଗତକାଲି ନୂଆ ଆଣ୍ଡରସନ୍-ତେନ୍ଦୁଲ୍‌କର ଟ୍ରଫି ଉନ୍ମୋଚିତ ହୋଇଥିଲା । ଉଭୟ ଜେମ୍‌ସ୍ ଆଣ୍ଡରସନ୍ ଏବଂ ସଚିନ୍ ତେନ୍ଦୁଲ୍‌କରଙ୍କ ଉପସ୍ଥିତିରେ ଏହି ଟ୍ରଫିର ଉନ୍ମୋଚନ କରାଯାଇଥିବା ଜଣାପଡ଼ିଛି ।

## ହକି ଇଣ୍ଡିଆ

ଚେନ୍ନାଇଠାରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର ଦ୍ୱିତୀୟ ଦିନରେ ମହିଳା ବର୍ଗରେ ହକି ପଞ୍ଜାବ ୩-୧ ଗୋଲ୍‌ରେ ହକି ଓଡ଼ିଶାକୁ

ପରାସ୍ତ କରିଛି । ସେହିପରି ହକି ହରିୟାଣା ୮-୦ ଗୋଲ୍‌ରେ ତାମିଲ୍‌ନାଡୁକୁ ପରାସ୍ତ କରିଛି ।

ପୁରୁଷ ବର୍ଗରେ ମହାରାଷ୍ଟ୍ର ୭-୧ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିବାବେଳେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି ।

*****